# ପଟ ବଦଳିଲେ ମତ ବି ବଦଳେ

୨୦/୦୪/୨୦୦୪

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

୧୯୯୬ ମସିହା ଜୁଲାଇ ୬ ତାରିଖ । ଓଡ଼ିଶାରେ କଂଗ୍ରେସ ସରକାର। ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଓ ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ । ସେଦିନ ବିଧାନସଭା ଉଠୁଥାଏ, ପଡୁଥାଏ। କାରଣ, ପ୍ରାଥମିକ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନ ଯୋଜନାରେ ପିଲାମାନଙ୍କୁ ଦିଆଯାଉଥିବା ଡାଲି ଅତ୍ୟନ୍ତ ନିମ୍ନମାନର। ଏହାକୁ ଖାଇଲେ ପିଲାଙ୍କ ବିକାଶ ବଦଳରେ ବିନାଶ ହେବ। ସେଥିପାଇଁ ମାନ୍ୟବର ବିଧାୟକମାନେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀଙ୍କୁ ଆକ୍ଷେପ କରି ବିଭିନ୍ନ ପ୍ରଶ୍ନ ଉଠାଉଥାଆନ୍ତି ଏବଂ ବିଧାନସଭାକୁ ଏକରକମ ଅଚଳ କରିଦେଇଥାଆନ୍ତି । ସେତେବେଳର ବିରୋଧୀ ଦଳର ନେତା ବିଧାୟକ ଅଶୋକ ଦାସ ଏ ବ୍ୟାପାରରେ ସିବିଆଇ ତଦନ୍ତ ଦାବି କରୁଥିବାବେଳେ ପିଏସିର ଅଧ୍ୟକ୍ଷ ବିଜୟ ମହାପାତ୍ର ଗୃହକୁ ମୁଲତବୀ ରଖି ବିଶେଷ ଆଲୋଚନା ପାଇଁ ଦାବି କରୁଥାଆନ୍ତି। ଅନ୍ୟମାନଙ୍କ ମଧ୍ୟରେ ସେତେବେଳର ବିଧାୟକ ଅର୍ଜ୍ଜୁନ ସେଠୀ, ପଞ୍ଚାନନ କାନୁନ୍‌ଗୋ, ସୂର୍ଯ୍ୟ ନାରାୟଣ ପାତ୍ର, ଦେବୀ ମିଶ୍ର ଓ ସ୍ୱାଧୀନ ସଦସ୍ୟ ଅରୁଣ ଦେ ଡାଲି ଅପମିଶ୍ରଣ ପ୍ରସଙ୍ଗକୁ ନେଇ ବିଧାନସଭାରେ ଝଡ଼ ସୃଷ୍ଟି କରୁଥାଆନ୍ତି। ଏପରିକି ଆଜିର ମାନ୍ୟବର ବାଚସ୍ପତି ତତ୍କାଳୀନ ପୁରୀର ବିଧାୟକ ମଧ୍ୟ ଏ ସମ୍ପର୍କରେ ସ୍ୱର ଉତ୍ତୋଳନ କରିଥାନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ସେ ଦିନର ଅଚଳାବସ୍ଥା ଛିଣ୍ଡିଲା ନାହିଁ। ପରଦିନ ଗୃହର ଅବସ୍ଥା ଅଧିକ ସଙ୍ଗୀନ ହେଲା। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କର ସ୍ୱଭାବ ସୁଲଭ ଢଙ୍ଗରେ ମନ୍ତ୍ରୀ ଶ୍ରୀମତୀ ସାହୁଙ୍କୁ ଆକ୍ଷେପ କରି ବଡ଼ପାଟି କରୁଥାଆନ୍ତି ତ ବର୍ତ୍ତମାନର ସାଂସଦ ତଥା ତତ୍କାଳୀନ ବିଧାୟକ ଶ୍ରୀଯୁକ୍ତ ପ୍ରସନ୍ନ ପାଟଶାଣୀ ରିପୋର୍ଟର ଟେବୁଲ୍ ଉପରେ ଛିଡ଼ା ହୋଇ କବିତା ଆବୃତ୍ତି କରୁଥାଆନ୍ତି। କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଅଭିଯୋଗ ହେଲା । ସରକାର ଅପଦସ୍ତ ହେଲେ।

ଆଜି ଦଶବର୍ଷ ପରେ ଲକ୍ଷ୍ୟ କରିବାର କଥା ଯେ ଉପରୋକ୍ତ ଚରିତ୍ରମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଏବେ ବି ବିଧାନସଭାରେ ବିଦ୍ୟମାନ। କେବଳ ଫରକ ଏତିକି ଯେ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ବଦଳରେ ବିରୋଧୀ ଦଳର ନେତା ହୋଇଛନ୍ତି। ସେତେବେଳର ପୁରୀର ବିଧାୟକ ମହେଶ୍ୱର ମହାନ୍ତି ଆଜିର ମାନ୍ୟବର ବାଚସ୍ପତି ହୋଇଛନ୍ତି। ବିଧାୟକ ଅରୁଣ ଦେ ଓ ନଳିନୀ ମହାନ୍ତିଙ୍କ ଅବସ୍ଥା ଅପରିବର୍ତ୍ତିତ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ସେଦିନ ଗଜପତି ଜିଲ୍ଲାରେ ମୁଗ ବଦଳରେ ବଣ୍ଟାଯାଇଥିବା ଚଣା ଏବଂ ଅତ୍ୟନ୍ତ ନିମ୍ନମାନର ଅପମିଶ୍ରିତ ଡାଲି ପାଇଁ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଥିଲା। କିନ୍ତୁ ଆଜି କେହି କେବେ ପ୍ରଶ୍ନ କରୁଛି କି ଆମର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କିପରି ଚାଲିଛି ? କଂଗ୍ରେସ ସରକାର ସମୟରେ ଆରମ୍ଭ ହୋଇଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଆଜିର କ୍ଷମତାସୀନ ଦଳର ନେତାମାନେ କଡ଼ା ସମାଲୋଚନା କରିଆସିଛନ୍ତି । ଏଥିରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି ବୋଲି ଅଭିଯୋଗ କରି ସେମାନେ କ୍ଷମତାକୁ ଆସିଲେ ଏ ବ୍ୟବସ୍ଥାକୁ ଉଠାଇ ଦେଇ ତା'ବଦଳରେ ready-to-eat ଭଳି ନୂଆ କାର୍ଯ୍ୟକ୍ରମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାର ବଦଳିଲା। କିନ୍ତୁ ହେଲା କ'ଣ? ମଧ୍ୟାହ୍ନ ଭୋଜନ ସେହି ପୁରୁଣା ଢଙ୍ଗରେ ଚାଲିଲା। କୁହାଗଲା ବିକଳ୍ପ ବ୍ୟବସ୍ଥା ହେଲା ପର୍ଯ୍ୟନ୍ତ ବର୍ତ୍ତମାନର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଚାଲୁ ରହିବ। ଗତ ପାଞ୍ଚ ବର୍ଷ ଧରି ବିକଳ୍ପ ବ୍ୟବସ୍ଥାକୁ ଅପେକ୍ଷା କରାଯାଉଛି।

ବିକଳ୍ପ ବ୍ୟବସ୍ଥା କଥା କିଏ ବା କାହିଁକି ଚିନ୍ତା କରିବ? ମଧ୍ୟାହ୍ନ ଭୋଜନ ଯୋଜନାରେ ୫୦ ଲକ୍ଷରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ମଧ୍ୟାହ୍ନ ଭୋଜନ ଯୋଜନା ବ୍ୟତୀତ ଅନ୍ୟ ତିନୋଟି ପୁଷ୍ଟିସାର ଖାଦ୍ୟ ଯୋଜନାରେ ପ୍ରାୟ ଶହେ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଏହି ଶହେ କୋଟି ଟଙ୍କା କେଉଁମାନେ ଖର୍ଚ୍ଚ କରୁଛନ୍ତି ଏବଂ କିପରି ଖର୍ଚ୍ଚ ହେଉଛି ସେ ବିଷୟରେ ଟିକିଏ ତଳେଇ ଦେଖିଲେ ଅସଲ କଥାଟି ପଦାକୁ ଆସିଯିବ। କଂଗ୍ରେସ ଅମଳରେ ଏ ଟଙ୍କା ମନ୍ତ୍ରୀଙ୍କ ମାର୍ଫତରେ ଖର୍ଚ୍ଚ ହେଉଥିଲା। କାହାଠୁ କେଉଁ ଦରରେ ଡାଲି କିଣାଯିବ ତା'ର ନିଷ୍ପତ୍ତି କେନ୍ଦ୍ରୀୟ ସ୍ତରରେ ମନ୍ତ୍ରୀଙ୍କ ବିଭାଗ ନେଉଥିଲା। ସ୍ୱାଭାବିକ ଭାବରେ ଦୁର୍ନୀତି ଅଭିଯୋଗ ମନ୍ତ୍ରୀଙ୍କ ମୁଣ୍ଡରେ ଲଦା ଯାଉଥିଲା। କିନ୍ତୁ ନବୀନ ସରକାର ଦୁର୍ନୀତିକୁ ବିକେନ୍ଦ୍ରିତ କରିଛନ୍ତି। ବର୍ତ୍ତମାନ ଜିଲ୍ଲାପାଳମାନେ କେଉଁ ଡାଲି କେତେ ଦରରେ କିଣାଯିବ ନିଷ୍ପତ୍ତି ନେଉଛନ୍ତି। ଫଳରେ ଓଡ଼ିଶାର ୩୦ଟି ଜିଲ୍ଲାରେ ଦୁର୍ନୀତି ବାଣ୍ଟି ହୋଇଯାଇଛି। ଖବର କାଗଜରେ ପ୍ରକାଶିତ ହେଉନାହିଁ କି ବିଧାନସଭାରେ ଆଲୋଚିତ ହେଉନାହିଁ। ଆମ ବିଚାରରେ ଏ ଯୋଜନାର ପ୍ରକୃତ ହିତାଧିକାରୀ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ଯେତିକି ନୁହନ୍ତି, ତା'ଠାରୁ ଅଧିକ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଜିଲ୍ଲାପାଳ ଏବଂ ଡାଲି ଯୋଗାଉଥିବା ଠିକାଦାରମାନେ। ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ଏହି ପ୍ରକୃତ ହିତାଧିକାରୀମାନଙ୍କର ଅସାଧୁ ମେଣ୍ଟ ଫଳରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି। କିନ୍ତୁ ତାହା ସାଧାରଣ ଲୋକଙ୍କ ନଜରକୁ ଆସୁନାହିଁ। ବର୍ତ୍ତମାନ ଯୋଗା ଯାଉଥିବା ଡାଲିର ମାନ ଏବଂ ବଜାର ଦରକୁ ଦେଖିଲେ ଏ ଶହେ କୋଟିରେ କେତେ ଦୁର୍ନୀତି ହେଉଛି ସହଜରେ ଅନୁମାନ କରିହେବ। ନବୀନବାବୁ ସିନା ବଜାରକୁ ଯାଇ ମୁଗ କିମ୍ବା ହରଡ଼ ଡାଲି କିଣୁନାହାନ୍ତି, ପ୍ରମିଳା ଅପାଙ୍କୁ ବୋଧହୁଏ ମନ୍ତ୍ରୀ ହେବା ପରେ ବଜାର ଦର ବୁଝିବା ପାଇଁ ଫୁରସତ ନାହିଁ, କିନ୍ତୁ ମାନ୍ୟବର ବିଧାୟକଙ୍କ ପରିବାର ବର୍ଗ କ'ଣ ଡାଲି କିଣୁନାହାନ୍ତି? ଆଜି ବଜାରରେ ମୁଗ ଓ ହରଡ଼ ଡାଲି ୩୨ ଟଙ୍କାରେ ବିକ୍ରି ହେଉଛି। କିନ୍ତୁ ଆମ ପରୋପକାରୀ ଠିକାଦାର ଭାଇମାନେ ୨୩ ଟଙ୍କା ୭୩ ପଇସାରେ ମୁଗ କିମ୍ବା ହରଡ଼ ଡାଲି ଯୋଗାଇ ଦେବା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। କେହି କେହି ଆହୁରି ଅଧିକ ତ୍ୟାଗୀ ହୋଇ ୨୦/୨୧ ଟଙ୍କାରେ ଯୋଗାଇ ଦେବାପାଇଁ ରାଜି ହୋଇଯାଇଛନ୍ତି। ଏହା କିପରି ସମ୍ଭବ ହେଉଛି? ଏହା କେବଳ ସମ୍ଭବ ହେବ ଯଦି ଏକ କିଲୋ ମୁଗଡାଲିରେ ଅଧକିଲୋ ଗୋଡ଼ି ବାଲି ମିଶିବ କିମ୍ବା ମୁଗ ହରଡ଼ ନାମରେ ଶସ୍ତା ଚଣା ଡାଲିକୁ ଚଳେଇ ନିଆଯିବ। ଆମ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଅଧିକାଂଶ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଏହା ହିଁ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ପୃଷ୍ଠପୋଷକତା, ମନ୍ତ୍ରୀଙ୍କର ନିରବ ସମର୍ଥନ ଏବଂ ପ୍ରଶାସକମାନଙ୍କ କୌଶଳରେ କୋଟି କୋଟି ଟଙ୍କାର ଡାଲି ଦୁର୍ନୀତି ଅବାରିତ ଭାବରେ ଚାଲିଛି। ତା' ନ ହୋଇଥିଲେ କଂଗ୍ରେସ ସରକାର ଅମଳରେ ଅଧିକ ଦୁର୍ନୀତିଗ୍ରସ୍ତ ଠିକାଦାରମାନଙ୍କୁ ବର୍ତ୍ତମାନର କ୍ଷମତାସୀନ ଦଳର ନେତାମାନେ ଏମିତି ଆଦରି ନେଇନଥାନ୍ତେ। ତିନି ଚାରିବର୍ଷ ତଳେ ହୋଇଥିବା ଡାଲି ଯୋଗାଣ ଟେଣ୍ଡରକୁ, ମାତ୍ରାଧିକ ମୂଲ୍ୟବୃଦ୍ଧି ପରିପ୍ରେକ୍ଷୀରେ, ଆଉଥରେ ଡାକିବା ପାଇଁ ସଚିବଙ୍କ ପରାମର୍ଶକୁ ମନ୍ତ୍ରୀ ମହୋଦୟ ନାମଂଜୁର କରିନଥାନ୍ତେ କି ଠିକାଦାରମାନେ ଏହାକୁ ବିନା ଦ୍ୱିଧାରେ ଗ୍ରହଣ କରିନଥାନ୍ତେ। କିନ୍ତୁ ଏସବୁ କଥା ଆମର ମାନ୍ୟବର ବିଧାୟକମାନଙ୍କ ନଜରକୁ ଆସୁନାହିଁ କି ବିଧାନସଭାରେ ଝଡ଼ ବି ହେଉନାହିଁ। କାରଣ ପଟ ବଦଳିଯାଇଛି ତ, ମତ ବଦଳିବା ବି ସ୍ୱାଭାବିକ।